# NATIONAL NEWS BULLETIN (ODIA)

## 20 November - 2025

## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ଛତିଶଗଡର ଅମ୍ବିକାପୁରଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ ସମାରୋହରେ ଆଜି ଯୋଗଦେବେ ରାଷ୍ଟ୍ରପତି ।
- ବିଧାନସଭା ଗୁଡ଼ିକରେ ପାରିତ ବିଲ୍‌ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ରାଜ୍ୟପାଳମାନେ ସ୍ୱୀକୃତି ଦେବା ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବା ମାମଲାରେ ଆଜି ନିଜର ମତ ରଖିବେ ସର୍ବୋଚ୍ଚ ଅଦାଲତ ।
- ନୀତିଶ କୁମାର ଆଜି ଦଶମଥର ଲାଗି ବିହାର ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ ।
- ସମବାୟ ସମିତି ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ସହ ସଶକ୍ତ କରିବା ଦିଗରେ ଏନ୍‌ସିଡିସି ଏକ ବଳିଷ୍ଠ ମାଧ୍ୟମ କହିଲେ କେନ୍ଦ୍ର ସମବାୟ ମନ୍ତ୍ରୀ ।

ଏବଂ

- ଗୋଆରେ ଆଜିଠାରୁ ଆରମ୍ଭ ହେଉଛି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ।

# ପ୍ରେସିଡେଣ୍ଟ-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନି ଦିନ ଲାଗି ଛତିଶଗଡ଼, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ଛତିଶଗଡ଼ ଗସ୍ତ ଅବସରରେ ରାଷ୍ଟ୍ରପତି ଆଜି ଅମ୍ବିକାପୁରଠାରେ ଜନଜାତୀୟ ଗୌରବ ଦିବସ ସମାରୋହରେ ଯୋଗଦେବେ । ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ମୁର୍ମୁ ତେଲଙ୍ଗାନାର ସିକନ୍ଦରାବାଦ୍ ସ୍ଥିତ ରାଷ୍ଟ୍ରପତି ନିଲୟମ୍ ଠାରେ ଭାରତୀୟ କଳା ମହୋତ୍ସବ ୨୦୨୫ର ଉଦ୍‌ଘାଟନ କରିବେ । ଭାରତୀୟ କଳା ମହୋତ୍ସବର ଏହି ଦ୍ୱିତୀୟ ସଂସ୍କାରଣରେ ଗୁଜରାଟ, ମହାରାଷ୍ଟ୍ର, ରାଜସ୍ଥାନ, ଗୋଆ, ଦାଦରା ଓ ନଗର ହାବେଳି ଏବଂ ଦାମନ୍ ଓ ଡିଉର ସମୃଦ୍ଧ ସାଂସ୍କୃତିକ ବୈଭବ ଓ ପାରମ୍ପରିକ ହସ୍ତଶିଳ୍ପ ଆଦି ସ୍ଥାନ ପାଇବ । ଗସ୍ତର ଶେଷ ପର୍ଯ୍ୟାୟରେ ଶନିବାର ଦିନ ରାଷ୍ଟ୍ରପତି ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତି ସ୍ଥିତ ପ୍ରଶାନ୍ତି ନିଲୟମ୍ ଠାରେ ଶ୍ରୀ ସତ୍ୟସାଇ ବାବାଙ୍କର ଶତବାର୍ଷିକୀ ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଏସ୍‌ସି-ପ୍ରେସିଡେନ୍ସିଆଲ ରେଫରେନ୍ସ

ସମ୍ବିଧାନର ୧୪୩ଧାରା ଅଧୀନରେ ରାଜ୍ୟ ବିଧାନସଭା ଗୁଡ଼ିକରେ ପାରିତ ହୋଇଥିବା ବିଲ୍‌ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟପାଳମାନେ ସ୍ୱୀକୃତି ଦେବା ସମ୍ପର୍କିତ ପ୍ରସଙ୍ଗ ଉପରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବା ମାମଲାରେ

ଆଜି ସର୍ବୋଚ୍ଚ ଅଦାଲତ ନିଜର ମତ ରଖିବେ । ଏହି ପ୍ରସଙ୍ଗରେ ସମ୍ବିଧାନରେ କୌଣସି ସମୟ ନିର୍ଦ୍ଧାରଣ କରାଯାଇ ନଥିବାରୁ ରାଷ୍ଟ୍ରପତି ଏ ସମ୍ପର୍କରେ ସୁପ୍ରିମକୋର୍ଟଙ୍କର ପରାମର୍ଶ ଲୋଡିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର୍. ଗଭାଇଙ୍କ ନେତୃତ୍ୱରେ ଏକ ସାମ୍ବିଧାନିକ ବେଞ୍ଚ ସମ୍ମୁଖରେ ଏହି ମାମଲାରେ ଦୀର୍ଘ ୧୦ଦିନ ଧରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ ଆର୍. ଭେଙ୍କଟରମଣୀ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ପ୍ରତିପକ୍ଷଭାବେ ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ପଞ୍ଜାବ ଓ ହିମାଚଳପ୍ରଦେଶ ଆଦି ଅଣ ବିଜେପି ଶାସିତ ରାଜ୍ୟ ଗୁଡ଼ିକର ଯୁକ୍ତି ଉପସ୍ଥାପନ କରାଯାଇଥିଲା । ଗତ ସେପ୍ଟେମ୍ବର ୧୧ ତାରିଖ ଦିନ ଏହି ସାମ୍ବିଧାନିକ ବେଞ୍ଚ ଏହି ମାମଲାର ଶୁଣାଣି ଶେଷ କରି ନିଜର ରାୟ ସଂରକ୍ଷିତ ରଖିଥିଲେ ।

## ବିହାର ଏନ୍‌ଡିଏ ମିଟିଂ

ଜନତା ଦଳ ସଂଯୁକ୍ତ – ଜେ.ଡି.ୟୁ. ମୁଖ୍ୟ ନିତିଶ କୁମାର ଆଜି ଦଶମଥର ଲାଗି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ । ପାଟ୍‌ନାସ୍ଥିତ ଐତିହାସିକ ଗାନ୍ଧୀ ମଇଦାନଠାରେ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଗତକାଲି ନୀତିଶ କୁମାର ବିହାରର ଏନ୍.ଡି.ଏ. ସଂସଦୀୟ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି । ପାଟନାଠାରେ ଏନ୍.ଡି.ଏ.ର ଅଂଶିଦାର ଦଳଗୁଡ଼ିକର ନବନିର୍ବାଚିତ ବିଧାୟକଙ୍କର ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଗତକାଲି ସମ୍ରାଟ ଚୌଧୁରୀଙ୍କୁ ବିଜେପି ସଂସଦୀୟ ଦଳର ନେତା ଏବଂ ବିଜୟ ସିହ୍ନାଙ୍କୁ ଉପ-ନେତା ରୂପେ ନିର୍ବାଚିତ କରାଯାଇସାରିଛି ।

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଏନ୍.ଡି.ଏ. ୨୦୨ଟି ଆସନ ପାଇ ଐତିହାସିକ ବିଜୟ ଲାଭ କରି ପୁନର୍ବାର କ୍ଷମତା ଦଖଲ କରିଛି ।

## ପିଏମ୍-ସାଉଥ୍ ଆଫ୍ରିକା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଂଶତମ ଜି-୨୦ ନେତୃତ୍ୱ ସମ୍ମିଳନୀରେ ଯୋଗଦେବାଲାଗି ଆସନ୍ତାକାଲିଠାରୁ ୩ଦିନିଆ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ । ଏହି ସମ୍ମିଳନୀ ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ହେବ । ଏଥିସହିତ କ୍ରମାଗତ ଚତୁର୍ଥଥର ଲାଗି ଜି-୨୦ ସମ୍ମିଳନୀ ଗ୍ଲୋବାଲ ସାଉଥ୍‌ରେ ଆୟୋଜିତ ହେଉଛି ।

ଏ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଜି-୨୦ କାର୍ଯ୍ୟସୂଚୀ ଉପରେ ଭାରତର ପକ୍ଷ ରଖିବେ । ସମ୍ମିଳନୀର ସମସ୍ତ ୩ଟିଯାକ ଅଧିବେଶନକୁ ଶ୍ରୀ ମୋଦୀ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଏହି

ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଜୋହାନ୍ସବର୍ଗଠାରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନଙ୍କ ସହ ଦୁଇପକ୍ଷୀୟ ବୈଠକ କରିବାର ଆଶା କରାଯାଉଛି । ଏତଦ୍‌ବ୍ୟତୀତ ଦକ୍ଷିଣଆଫ୍ରିକା ଦ୍ୱାରା ଆୟୋଜିତ ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା ନେତୃତ୍ୱ ବୈଠକରେ ମଧ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ଏନ୍‌ସିଡିସି-ଅମିତ ଶାହା

ସମବାୟ ସମିତି ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ସହ ସଶକ୍ତ କରିବା ଦିଗରେ ଜାତୀୟ ସମବାୟ ବିକାଶ ନିଗମ - ଏନ୍‌ସିଡିସି ଏକ ବଳିଷ୍ଠ ମାଧ୍ୟମ ବୋଲି କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଏନ୍‌ସିଡିସିର ୯୨ତମ ସାଧାରଣ ପରିଷଦ ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି ଗତ କିଛିବର୍ଷ ମଧ୍ୟରେ ଏନ୍‌ସିଡିସି ପକ୍ଷରୁ ସମବାୟ ସମିତିଗୁଡ଼ିକୁ ଯୋଗାଇ ଦିଆଯାଉଥିବା ଆର୍ଥିକ ସହାୟତା ପ୍ରାୟ ୪ଗୁଣ ବୃଦ୍ଧି ପାଇଛି । ବର୍ତ୍ତମାନ ଏହି ସହାୟତାରେ ପରିମାଣ ୯୫ହଜାର କୋଟି ଟଙ୍କା ଅତିକ୍ରମ କରିଛି ବୋଲି ସେ ସୂଚନା ଦେଇଛନ୍ତି । ଏହି ସହାୟତା ମାଧ୍ୟମରେ ୧ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀ ଉତ୍ପାଦକ ସଂଗଠନଗୁଡ଼ିକ ମଧ୍ୟ ସଶକ୍ତ ହୋଇପାରିଛି । ଏତଦ୍‌ବ୍ୟତୀତ ଏନ୍‌ସିଡିସି ଦୁଗ୍ଧ ଉତ୍ପାଦନ, ପଶୁପାଳନ, ମତ୍ସ୍ୟଉତ୍ପାଦନ ଏବଂ ମହିଳା ସମବାୟ ସମିତି ଗୁଡ଼ିକ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ପ୍ରାୟ ୨୦ହଜାର କୋଟି ଟଙ୍କା ବ୍ୟୟବରାଦ କରିବ ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି

ଦେଶରେ ପ୍ରଥମ ସମବାୟ ଟ୍ୟାକ୍ସିସେବାର ଶୁଭାରମ୍ଭ କରି ଏନ୍‌ସିଡିସି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।

ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସମବାୟ କ୍ଷେତ୍ରକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏନ୍‌ସିଡିସି ଇତିମଧ୍ୟରେ ବିଜୟୱାଡାଠାରେ ଏକ ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାପନ କରିବା ସହ ଜାମ୍ମୁକାଶ୍ମୀର, ଲଦାଖ, ସିକ୍କିମ, ମଣିପୁର, ମିଜୋରାମ, ତ୍ରିପୁରା, ଅରୁଣାଚଳପ୍ରଦେଶ, ମେଘାଳୟ ଓ ନାଗାଲାଣ୍ଡରେ ଉପକାର୍ଯ୍ୟାଳୟ ଖୋଲାଯାଇଛି ।

# ଅଷ୍ଟ୍ରେଲିଆ ଏଫ୍‌ଏମ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ତାଙ୍କର ଅଷ୍ଟ୍ରେଲୀୟ ପ୍ରତିପକ୍ଷ ପେନି ୱଙ୍ଗଙ୍କ ସହ ଦୁଇପକ୍ଷୀୟ ଷୋଡଶ ବୈଦେଶିକ ମନ୍ତ୍ରିସ୍ତରୀୟ ଢ଼ାଞ୍ଚାଗତ କଥାବାର୍ତ୍ତାରେ ସହ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀରେ ଯୋଗଦେବାଲାଗି ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସି ଗତ ସଂଧ୍ୟାରେ ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି । ପେନି ୱଙ୍ଗଙ୍କ ଏହି ଗସ୍ତ ଭାରତ-ଅଷ୍ଟ୍ରେଲିଆ ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବାର ସୁଯୋଗ ସୃଷ୍ଟି କରିବାର ଆଶା କରାଯାଉଛି ।

# ଏନ୍‌ଏସ୍‌ଏ-କଲମ୍ବୋ ସିକ୍ୟୁରିଟି କନ୍‌କ୍ଲେଭ୍

କଲମ୍ବୋ ସୁରକ୍ଷା ସମ୍ମିଳନୀର ଜାତୀୟ ସୁରକ୍ଷା ପରାମର୍ଶଦାତା ମାନଙ୍କର ସପ୍ତମ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଏଥିରେ ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ତାଙ୍କର ମାଲଦୀପ, ମରିସସ୍, ଶ୍ରୀଲଙ୍କା ଓ ବାଂଲାଦେଶ ପ୍ରତିପକ୍ଷଙ୍କ ସହ ଯୋଗଦେବେ । ସିଚେଲ୍ସ ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବେ ଯୋଗଦେଉଥିବା ବେଳେ ଅତିଥି ରାଷ୍ଟ୍ର ଭାବେ ମାଲେସିଆ ଅଂଶଗ୍ରହଣ କରିବ । ଏହି ସମ୍ମିଳନୀରେ ସାମୁଦ୍ରିକ ସୁରକ୍ଷା, ସନ୍ତ୍ରାସବାଦ କାର୍ଯ୍ୟ ଓ ସଂଗଠିତ ଅପରାଧକୁ ପ୍ରତିହତ କରିବା, ସାଇବର ସୁରକ୍ଷା, ବିପର୍ଯ୍ୟୟ ସମୟରେ ମାନବୀୟ ସହାୟତା ଓ ରିଲିଫ୍ ସମେତ ୨୦୨୬ ବର୍ଷ ଲାଗି ରୋଡ୍ ମ୍ୟାପ୍ ଓ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି ।

# ଡୋନର-ଟୁ ମିଟିଂସ

ଦେଶର ଉତ୍ତର ପୂର୍ବାଞ୍ଚଳରେ କ୍ରୀଡ଼ କ୍ଷେତ୍ରକୁ ଅଧିକ ସଶକ୍ତ ତଥା ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଗତକାଲି ନୂଆଦିଲ୍ଲୀଠାରେ ଦୁଇଟି ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ବୈଠକ ଗୁଡ଼ିକରେ ଅଧ୍ୟକ୍ଷତା କରିଛନ୍ତି । ଉତ୍ତର-ପୂର୍ବାଞ୍ଚଳରେ କ୍ରୀଡ଼ାର ବିକାଶ ଲାଗି ମାନବସମ୍ବଳକୁ ଅଧିକ ଉନ୍ନତ ତଥା

ପ୍ରଶିକ୍ଷିତ କରିବା ଲାଗି ୬୦ ପ୍ରତିଶତ ଏବଂ ଭିତ୍ତିଭୂମିର ବିକାଶ ଲାଗି ୪୦ ପ୍ରତିଶତ ଗୁରୁତ୍ୱ ଦେବା ଉପରେ ଶ୍ରୀ ସିନ୍ଧିଆ ଆଲୋକପାତ କରିଛନ୍ତି । ସେହିଭଳି ସମ୍ପୃକ୍ତ ରାଜ୍ୟ ଗୁଡ଼ିକରେ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଲାଗି ଏକ ସମନ୍ୱିତ କ୍ରୀଡ଼ା କ୍ୟାଲେଣ୍ଡର ପ୍ରସ୍ତୁତ କରିବାକୁ ମଧ୍ୟ ଶ୍ରୀ ସିନ୍ଧିଆ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇଏଫ୍ଏଫ୍ଆଇ-୨୦୨୫

୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ. ୨୦୨୫ ଆଜିଠାରୁ ଗୋଆରେ ଆରମ୍ଭ ହେବ । ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଶୁଭାରମ୍ଭ ହେବ । ୮୧ଟି ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଏଥିରେ ଅଂଶଗ୍ରହଣ କରିବା ସହ ୨୪୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପଣଜୀ ଠାରେ ୯ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ । ଗୋଆର ୫ଟି ପ୍ରମୁଖ ସ୍ଥାନରେ ଚଳଚ୍ଚିତ୍ର ଗୁଡ଼ିକର ପ୍ରଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାମନ୍ତ ଗତ ସଂଧ୍ୟାରେ ଏହି ମହୋତ୍ସବର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଆଜି ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ଡକ୍ଟର ସାମନ୍ତ ଏହି ମହୋତ୍ସବର ପୂର୍ବରୁ 'ଦ ୱେଭ୍ସ ଫିଲ୍ମ

ବଜାର'ର ଉଦ୍‌ଘାଟନ କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଅଷ୍ଟ୍ରେଲିଆନ ଓପନ

ସିଡ୍‌ନୀଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ସୁପର-୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଙ୍ଗଲ୍ସ ବର୍ଗରେ ଦ୍ୱିତୀୟ ପର୍ଯ୍ୟାୟକୁ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ଓ ଏଚ୍.ଏସ୍. ପ୍ରଣୟ ଉନ୍ନୀତ ହୋଇଛନ୍ତି । ପ୍ୟାରିସ୍ ଅଲମ୍ପିକ ୨୦୨୪ର ସେମିଫାଇନାଲ ଖେଳାଳି ଲକ୍ଷ୍ୟ ସେନ୍ ଚୀନ୍-ତାଇପେଇର ସୁ ଲି ୟାଙ୍ଗଙ୍କୁ ୨୧-୧୭, ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି । ଇଣ୍ଡୋନେସିଆର ୟୋହାନେସ୍ ସୌତ୍ ମାର୍ସିଲିନୋଙ୍କୁ ପ୍ରଣୟ ୬-୨୧, ୨୧-୧୨ ଓ ୨୧-୧୭ ସେଟ୍‌ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

ଅନ୍ୟପକ୍ଷରେ ବିଶ୍ୱର ଏକନମ୍ବର ଖେଳାଳି କିଦାମ୍ବି ଶ୍ରୀକାନ୍ତ ଚାଇନିଜ୍ ତାଇପେଇର ଲି ଚିୟା ହାଓଙ୍କୁ ୨୧-୧୯, ୧୯-୨୧ ଓ ୨୧-୧୫ ସେଟ୍‌ରେ ପରାସ୍ତ କରି ଷୋଡଶ ରାଉଣ୍ଡରେ ନିଜର ସ୍ଥାନ ପକ୍କା କରିଛନ୍ତି ।

## ୱାର୍ଲ୍ଡ ବକ୍ସିଂ କପ୍

ନୂଆଦିଲ୍ଲୀର ଗ୍ରେଟର ନଏଡାଠାରେ ଚାଲିଥିବା ବିଶ୍ୱ ବକ୍ସିଂ କପ୍‌ରେ ଭାରତ ଏକ ବଡ ସଫଳତାର ନିକଟତର ହୋଇଛି । ଭାରତର ୮ଜଣ ମହିଳା ଏବଂ ୭ଜଣ ପୁରୁଷ ପ୍ରତିଯୋଗୀ ଏହି ବିଶ୍ୱକପ୍‌ର ଫାଇନାଲ ପର୍ଯ୍ୟାୟରେ ପ୍ରବେଶ

କରିଛନ୍ତି । ଆଜି ଫାଇନାଲ ମ୍ୟାଚ୍ ଖେଳାଯିବ । ଏହି ବିଶ୍ୱକପ୍‌ରେ ୧୬ଟି ଦେଶରୁ ୧୩୦ରୁ ଊର୍ଦ୍ଧ୍ୱ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।